بِسۡمِ اللّٰہِ الرَّحۡمٰنِ الرَّحِیۡمِ

১০ ଅକ୍ଟୋବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ମକ୍କା ବିଜୟ ପରେ କେତେକ ଅଭିଯାନ ଓ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ ମକ୍କା ଜୟ କରିବା ପରେ, ମଦିନା ପ୍ରତ୍ୟାବର୍ତ୍ତନ କଲେ । ତା'ପରେ ମହାଭାଗସ.ଅଙ୍କୁ କେତେକ ଅଭିଯାନ ଓ ଯୁଦ୍ଧର ସମ୍ମୁଖୀନ ହେବାକୁ ପଡିଥିଲା, ଆଜି ସେଗୁଡ଼ିକର ଚର୍ଚ୍ଚା କରିବି ।

ଗୋଟିଏ ସରିୟା କୈସ ବିନ୍ ସାଦ୍ ବିନ୍ ଉବାଦାଃର.ଅଙ୍କ ନେତୃତ୍ୱରେ ୮ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଯେତେବେଳେ ହୁଜୁରସ.ଅ ଜାରାନ ଅଞ୍ଚଳରୁ ମଦିନା ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ମହାଭାଗ ଇସଲାମ ଧର୍ମର ପ୍ରଚାର ଓ ପ୍ରସାର ନିମନ୍ତେ ବିଭିନ୍ନ ଅଞ୍ଚଳକୁ ସୈନ୍ୟସାମନ୍ତ ପ୍ରେରଣ କଲେ । ବସ୍ତୁତଃ ପ୍ରବାସକାରୀ ସାହାବା ଅବି ଉମୈୟାର.ଅଙ୍କୁ ସନା (ଅଞ୍ଚଳ) ଅଭିମୁଖେ ଓ ଜିୟାଦ୍ ବିନ୍ ଲବିଦ୍ର.ଅଙ୍କୁ ହଜ୍‌ରେ ମୌତା ଅଭିମୁଖେ ପ୍ରେରଣ କଲେ । ହୁଜୁରସ.ଅ ଆଉ ଏକ ସୈନ୍ୟଦଳ ପ୍ରସ୍ତୁତ କଲେ ଯାହାର ସେନାଧକ୍ଷ କୈସ୍ ବିନ୍ ସାଦ୍ର.ଅଙ୍କୁ ନିଯୁକ୍ତ କରିଥିଲେ । ଅତଏବ ମହାଭାଗ ତାଙ୍କୁ ୪୦୦ଜଣ ସୈନିକମାନଙ୍କ ନେତୃତ୍ୱରେ ୟମନ୍‌ର କବିଲା ସଦାଆ ନିକଟକୁ ପ୍ରେରଣ କରିଥିଲେ ଯଦ୍ୱାରା ସେ ସେମାନଙ୍କୁ ଇସଲାମ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବେ । ହଜରତ କୈସ୍ର.ଅ ଖଜରଜ୍ ଦଳର ସରଦାର ହଜରତ ସାଦ୍ ବିନ୍ ଉବାଦାଃର.ଅଙ୍କର ସୁପୁତ୍ର ଥିଲେ, ଯିଏକି ଜଣେ ଉତ୍ତମ ମତଦାତା ଓ ବୀର ତଥା ଅଶ୍ୱାରୋହୀ ମଧ୍ୟ ଥିଲେ । ଆଉ ଦାନଧ୍ୟାନ କରିବାରେ ମଧ୍ୟ ସେ ବେଶ ସୁନାମ ଅର୍ଜନ କରିଥିଲେ । ତେବେ ସେ ଯାତ୍ରା ଆରମ୍ଭ କଲେ ଓ କନାଃ ସ୍ଥାନରେ ଅବସ୍ଥାନ କଲେ ଇତି ମଧ୍ୟରେ ସଦାଆ କବିଲାର ଜଣେ ବ୍ୟକ୍ତି ଜିୟାଦ୍ ବିନ୍ ହାରିସ୍ ସେହି ସ୍ଥାନ ମଧ୍ୟ ଦେଇ ଅତିକ୍ରମ କଲେ । ସେ କିଛି କାଳ ପୂର୍ବରୁ ହିଁ ମୁସଲମାନ ହୋଇଯାଇଥିଲେ । ତାଙ୍କୁ ଯେତେବେଳେ ଖବର ମିଳିଲା ଯେ ଏହି ସେନା ଦଳ ତାଙ୍କ କବିଲା ଉପରେ ଆକ୍ରମଣ କରିବାକୁ ଯାଉଛି, ସେତେବେଳେ ସେ ସିଧା ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇଗଲେ ଓ ନିବେଦନ କଲେ କି ହୁଜୁରସ.ଅ ଯେଉଁ ସେନାକୁ ତାଙ୍କ ବସ୍ତି ଆଡ଼କୁ ପ୍ରେରଣ କରିଛନ୍ତି ତାହାକୁ ଫେରି ଆସିବାକୁ କୁହନ୍ତୁ, ମୁଁ ନିଜ ଗୋଷ୍ଠୀର ଜମାନତ ଦେଉଛି ଓ ସେମାନଙ୍କର ଇସଲାମ ଧର୍ମ ଗ୍ରହଣ କରିବାର ପ୍ରତିଶ୍ରୁତି ଦେଉଛି । ସୁତରାଂ ପୁଣ୍ୟଶ୍ଳୋକ ତାଙ୍କ ବଚନ ସ୍ୱୀକାର କରି ସେନାକୁ ଫେରି ଆସିବାକୁ ଆଦେଶ ଦେଲେ । ତା'ପରେ ସେ ନିଜ ଅଞ୍ଚଳରେ ଧୀରେ ଧୀରେ ଇସଲାମର ପ୍ରଚାର କଲେ, ସେତେବେଳେ ସେହି ବସ୍ତିବାସିନ୍ଦା ଇସଲାମ ଧର୍ମ ଗ୍ରହଣ କରିନେଲେ । **କାରଣ ଆକ୍ରମଣ କରିବା ଓ ବଳପୂର୍ବକ ମୁସଲମାନ କରିବା ତ ଇସଲାମର ନୀତିଶିକ୍ଷା ବିପରୀତ କଥା ତଥା ମହାଭାଗସ.ଅଙ୍କ କାର୍ଯ୍ୟକଳାପ ଓ ସୁନ୍ନତ (ଅନୁସୃତ ପନ୍ଥା)ର ମଧ୍ୟ ବିପରୀତ ଥିଲା ।** ତେବେ ମହାଭାଗ ହଜରତ ଜିୟାଦ୍ର.ଅଙ୍କୁ ହିଁ ସେମାନଙ୍କର ଅମିର୍ ମନୋନିତ କରିଥିଲେ ।

ହଜରତ ମୁହମ୍ମଦସ.ଅ ହଜରତ ଉୟୈନା ବିନ୍ ହିସନ୍ ଫଜାରୀର.ଅଙ୍କୁ ବନୁ ତମିମ୍ ଅଭିମୁଖେ ମୁହର୍‌ରମ୍ ମାସ ୯ ହିଜ୍‌ରୀରେ ପ୍ରେରଣ କରିଥିଲେ । ଏହାର ମୂଳ କାରଣ ଏହିକି ଯେ ମହାଭାଗ ହଜରତ ବିଶର୍ ବିନ୍ ସୁଫୟାନ୍ର.ଅଙ୍କୁ ବନୁ କାବ୍ ନିକଟକୁ ସଦ୍‌କା ଅର୍ଥାତ୍ ଜକାତ୍ ଧନରାଶୀ ଆଦାୟ କରିବା ସକାଶେ ପ୍ରେରଣ କରିଥିଲେ । ହଜରତ

ବିଶର୍[ର.ଅ]ଙ୍କ ଆଦେଶକ୍ରମେ ବନୁ ଖଜା'ର ଅର୍ଥ ପ୍ରତ୍ୟେକ ଦିଗରୁ ସେମାନଙ୍କ ନିକଟରେ ଏକତ୍ରିତ ହେବାକୁ ଲାଗିଲା । ବନୁ ତମିମ୍ ଯିଏକି ମୁସଲମାନ ନଥିଲେ, ସେମାନଙ୍କୁ ଏହି ବିପୁଳ ଧନରାଶୀ ବେଶ ଅଧିକ ମନେହେଲା । ତେଣୁ ସେମାନେ କହିଲେ; ଯେ ଅକାରଣେ କାହିଁକି ଆମର ସମ୍ପତ୍ତି ନେଇଯାଉଛି ? ଏପରି ସେମାନେ ବିରୋଧ କରି ନିଜ ଖଡଗ୍ ଉତ୍ତୋଳନ କରିନେଲେ । ସେଠାରେ ସେତେବେଳେ କଳହ ଓ ଯୁଦ୍ଧର ଏକ ଅପ୍ରୀତିକର ପରିବେଶ ସୃଷ୍ଟି ହେବା ଦେଖି ହଜରତ ବିଶର୍[ର.ଅ] ବିନା କୌଣସି ପ୍ରକାର (ଜକାତ୍) ଆଦାୟ କରି ସେଠାରୁ ଫେରି ଆସିଲେ ଏବଂ ପୁଣ୍ୟଶ୍ଳୋକଙ୍କୁ ସମ୍ପୂର୍ଣ୍ଣ ଘଟଣା ସଂକ୍ରାନ୍ତରେ ସୂଚିତ କଲେ । ଏଥିରେ ମହାଭାଗ ହଜରତ ଉୟୀନା ବିନ୍ ହିସନ୍[ର.ଅ]ଙ୍କୁ ୫୦ଜଣ ଆରବ ଅଶ୍ୱାରୋହୀଙ୍କ ସାଥିରେ ବନୁ ତମିମ୍ ଆଡ଼କୁ ପ୍ରେରଣ କଲେ । ହଜରତ ଉୟୀନା ନିଜ ସାଥୀମାନଙ୍କ ସମେତ ସେହି ମରୁଭୂମିରେ ପହଞ୍ଚିଗଲେ ଯେଉଁସ୍ଥଳେ ବନୁ ତମିମ୍ ଅବସ୍ଥାନ କରୁଥିଲେ ଓ ନିଜ ଗାଈଗୋରୁ ଚରାଉ ଥିଲେ । ଯେତେବେଳେ ବନୁ ତମିମ୍ ସେହି ସୈନ୍ୟଦଳକୁ ନିଜ ଆଡ଼କୁ ଆସୁଥିବାର ଦେଖିଲେ ସେତେବେଳେ ସେମାନେ ନିଜର ସବୁକିଛି ଛାଡ଼ି ପଳାୟନ କଲେ । ସେହି ସମୟରେ ସେଠାରେ ସେମାନଙ୍କର ୧୧ଜଣ ପୁରୁଷ, ୧୧ଜଣ ମହିଳା ଓ ୩୦ଜଣ ପିଲା ମୁସଲମାନମାନଙ୍କ ଦ୍ୱାରା କଏଦ ହୋଇଥିଲେ । ହଜରତ ଉୟୀନା ସେମାନଙ୍କୁ ମଦିନା ଘେନି ଆଣିଲେ ଏବଂ ମହାଭାଗଙ୍କ ଆଦେଶାନୁଯାୟୀ ସେମାନଙ୍କୁ ହଜରତ ରମଲା ବିନ୍ତେ ହାରିସ୍[ର.ଅ]ଙ୍କ ଆବାସରେ ରଖାଗଲା ।

ପରବର୍ତ୍ତୀ ସମୟରେ ବନୁ ତମିମ୍‌ର ୮୦ କିମ୍ବା ୯୦ଜଣ ଦୁର୍ବୃତ୍ତଙ୍କର ଏକ ଦଳ ହୁଜୁର[ସ.ଅ]ଙ୍କ ସେବାରେ ହାଜର ହେଲା, ସେହି ଦଳରେ ସେମାନଙ୍କ ମଧ୍ୟରୁ କେତେକ ବାଗ୍ମୀ କବି ଓ ବକ୍ତା ମଧ୍ୟ ସାମିଲ ଥିଲେ । ସେମାନଙ୍କ ଅହଂକାର ଯୋଗୁଁ ସେହି ଦଳର ମୁଖିଆ କହିଲା; କବିତା ଓ ବକ୍ତୃତାରେ ଆମେ ଆପଣଙ୍କ ସହିତ ପ୍ରତିଯୋଗୀତା କରିବାକୁ ଚାହୁଁଛୁ । ଆପଣ ଆମ ସହିତ ମୁକାବିଲା କରି ଦେଖି ନିଅନ୍ତୁ କେଉଁଦଳ କବିତା ଓ ବକ୍ତୃତାରେ ଧୁରନ୍ଧର । ଏଥିରେ ହୁଜୁର[ସ.ଅ] ତାଙ୍କୁ ଉତ୍ତର ଦେଲେ ଦେଖ ! କବିତା ଓ ବିତର୍କ କରିବାରେ ବଡିମା କରିବା ମୋ ଆଗମନର ଉଦ୍ଦେଶ୍ୟ ନୁହେଁ । ମୋ ଆଗମନର ଉଦ୍ଦେଶ୍ୟ ଲୋକମାନଙ୍କୁ ସେମାନଙ୍କ ପାଳନକର୍ତ୍ତା ଆଡ଼କୁ ଆମନ୍ତ୍ରିତ କରିବା । କିନ୍ତୁ ଯଦି ତୁମେମାନେ ପ୍ରତିଦ୍ୱନ୍ଦିତା ହିଁ କରିବାକୁ ଚାହୁଁଛ ତେବେ ନିଜ ଦକ୍ଷତା ପ୍ରଦର୍ଶନ କର, ଆମେ ତାହାର ଉତ୍ତର ଦେବୁ । ତେବେ ପ୍ରତିଯୋଗୀତା ହେବା ପରେ ସେମାନଙ୍କ ଦଳରେ ସାମିଲ ଥିବା ଅକ୍‌ରା ବିନ୍ ହାବିସ୍ ନିଜ ସାଥୀମାନଙ୍କୁ ନିର୍ଦ୍ୱନ୍ଦରେ କହିଲେ; **ଆମ ବକ୍ତା ତୁଳନାରେ ସେମାନଙ୍କ ବକ୍ତା ଶ୍ରେୟସ୍କର ଓ ଆମ କବି ତୁଳନାରେ ସେମାନଙ୍କ କବି ଶ୍ରେଷ୍ଠତର, ଏମାନେ ଆମ ଠାରୁ ବହୁତ ଉର୍ଦ୍ଧ୍ୱରେ** । ତା'ପରେ ଯେତେବେଳେ ଲୋକମାନେ ଚାଲିଗଲେ ସେତେବେଳେ ସେମାନେ ଇସଲାମ ଧର୍ମର ଦୀକ୍ଷା ନେଲେ । ବନୁ ତମିମ୍ ଦଳ ଇସଲାମ ଧର୍ମ ଗ୍ରହଣ କରିନେବା ପରେ ନବୀଶ୍ରେଷ୍ଠ ସେମାନଙ୍କର କଏଦୀ ତାଙ୍କୁ ଫେରାଇ ଦେଲେ ଏବଂ ସମସ୍ତଙ୍କୁ ଭେଟି ଓ ପୁରସ୍କାର ଦ୍ୱାରା ସମ୍ମାନିତ କଲେ ।

ତା'ପରେ ସରିୟା କୁତ୍‌ବା ବିନ୍ ଆମିର୍[ର.ଅ]ଙ୍କର ବର୍ଣ୍ଣନା ଉଲ୍ଲେଖ ରହିଛି, ଯାହାକି ସଫର୍ ମାସ ୯ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଗୋଟିଏ ବର୍ଣ୍ଣନା ଅନୁଯାୟୀ ମହାଭାଗ ସେମାନଙ୍କୁ କବାଲା ଆଡ଼କୁ ଓ ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ବିଶା'ର ଆଖପାଖ ଅଞ୍ଚଳକୁ ପ୍ରେରଣ କରିଥିଲେ । ଆଉ ସେମାନଙ୍କୁ ଏହି ନିର୍ଦ୍ଦେଶ ଦେଇଥିଲେ ଯେ, ତୁମେ ହଠାତ୍ ସେହି ବସ୍ତିବାସୀଙ୍କ ଉପରେ ଆକ୍ରମଣ କରିଦେବ । ସୁତରାଂ ମୁସଲମାନ ସେନା ସେହିପରି ହିଁ କରିଥିଲେ, ଉଭୟ ଦଳ ମଧ୍ୟରେ ଘମାଘୋଟ ଯୁଦ୍ଧ ହେଲା ଓ ଅନେକ ଲୋକ ଆଘାତ ହେଲେ ତଥା ଶତ୍ରୁ ପକ୍ଷର ଅନେକ ଲୋକ ନିହତ ମଧ୍ୟ ହେଲେ । ସେଥିଅନ୍ତେ କୁତ୍‌ବା ମାଲେ ଗନିମତ୍‌ରେ ଓଟ, ଛେଳି ଓ ମହିଳାମାନଙ୍କୁ ନେଇ ମଦିନା ଫେରି ଆସିଲେ ।

ପୁନଶ୍ଚ ସରିୟା ଜିହାକ୍ ବିନ୍ ସୁଫୟାନ୍ କଲାବି[ର.ଅ]ଙ୍କର ଚର୍ଚ୍ଚା ବର୍ଣ୍ଣିତ ରହିଛି । ଏହି ସରିୟା ରବିଉଲ୍ ଅୱ୍ୱଲ୍ ମାସ ୯ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ପବିତ୍ର ଅବତାର ଜିହାକ୍ ବିନ୍ ସୁଫୟାନ୍[ର.ଅ]ଙ୍କୁ ତାଙ୍କର କବିଲା ବନୁ କିଲାବ୍ ଅର୍ଥାତ୍ କିର୍‌ତା ଅଭିମୁଖେ ପ୍ରେରଣ କରିଥିଲେ । ସେ ସେଠାରେ ପହଞ୍ଚି ବସ୍ତିବାସୀଙ୍କୁ ଇସଲାମର ସନ୍ଦେଶ ଦେଲେ, କିନ୍ତୁ ସେହି ଲୋକମାନେ ତାହାର ଅସ୍ୱୀକାର କରିଦେଲେ ଓ ପରିସ୍ଥିତି ଯୁଦ୍ଧ ଆଡ଼କୁ ମୁହାଁଇଲା । ତେବେ ଉଭୟ ଦଳ ମଧ୍ୟରେ ସଂଘର୍ଷ ହେଲା, ଶେଷରେ ମୁସଲମାନମାନେ କିର୍‌ତାବାସୀଙ୍କୁ ପରାସ୍ତ କରିଦେଲେ ଓ ମାଲେ ଗନିମତ୍ ହାସଲ କରିନେଲେ । ତହୁଁ ସରିୟା ହଜରତ ଅଲ୍‌କମା ବିନ୍ ମୁଜଯ୍‌ଯଜ୍[ର.ଅ]ଙ୍କର ଜଦ୍ଦା ଅଭିମୁଖେ ଯାତ୍ରା କରିବାର ବର୍ଣ୍ଣନା

ଉଲ୍ଲେଖ ରହିଛି, ସେହି ସରିୟା ରବିଉସ୍ ସାନି ମାସରେ ଓ ଅନ୍ୟ କେତେକ ବର୍ଣ୍ଣନାରେ ସଫର୍ ମାସ ୯ହିଜ୍‌ରୀରେ ସଙ୍ଘଟିତ ହୋଇଥିବାର ବର୍ଣ୍ଣନା ମିଳୁଛି । ଯେତେବେଳେ ହୁଜୁର[ସ.ଅ]ଙ୍କୁ ସୂଚନା ମିଳିଲା ଯେ ହବ୍‌ଶାବାସୀଙ୍କ ମଧ୍ୟରୁ କିଛି ଯୋଦ୍ଧା ଜଦ୍ଦାର ଉପକୂଳବର୍ତ୍ତୀ ଅଞ୍ଚଳରେ ଓହ୍ଲାଇଛନ୍ତି । ଅନ୍ୟ କେତେକ ବର୍ଣ୍ଣନା ଅନୁଯାୟୀ ସେମାନେ ମକ୍କାବାସୀଙ୍କୁ ଲୁଣ୍ଠନ କରିବାକୁ ଚାହୁଁଥିଲେ । ଅତଏବ ମହାଭାଗ ହଜରତ ଅଲ୍‌କମା[ର.ଅ]ଙ୍କୁ ୩୦୦ସୈନିକମାନଙ୍କ ସେନାଧ୍ୟକ୍ଷ କରି ସେମାନଙ୍କ ମୁକାବିଲା କରିବାକୁ ପ୍ରେରଣ କଲେ । ସେହି ଯୋଦ୍ଧାମାନଙ୍କୁ ମୁସଲମାନମାନଙ୍କ ଆଗମନର ଖବର ମିଳିବା ମାତ୍ରେ ସେମାନେ ନିଜ ନୌକାରେ ଆରୋହଣ କରି ସେଠାରୁ ଫେରାର୍ ହୋଇଗଲେ । ହଜରତ ଅଲ୍‌କମା ଗୋଟିଏ ଦୀପ ପର୍ଯ୍ୟନ୍ତ ସେମାନଙ୍କର ପିଛା କଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଏହି ଅଭିଯାନରେ ଏକ ବର୍ଣ୍ଣନା ଯୋଗ୍ୟ ପ୍ରସଙ୍ଗର ଆଲୋଚନା କଲେ । ତାହା ହେଉଛି, ସେତେବେଳେ ସୈନ୍ୟଦଳର ମୁଖିଆ ମୁସଲମାନମାନଙ୍କୁ ନିଆଁରେ ଡ଼େଇଁ ପଡିବାକୁ ଆଦେଶ ଦେବା ଓ ସେଥିପାଇଁ କିଛି ଲୋକ ପ୍ରସ୍ତୁତ ହୋଇଯିବା ଓ ଅନ୍ୟ କିଛି ଲୋକ ବିମୁଖ ହେବାର ଚର୍ଚ୍ଚା ଉଲ୍ଲେଖ ରହିଛି । ଯେତେବେଳେ ଏହାର ସୂଚନା ହୁଜୁର[ସ.ଅ]ଙ୍କୁ ମିଳିଲା ସେତେବେଳେ ମହାଭାଗ ଭୀଷଣ ରୂପେ ଉତ୍‌କ୍ଷିପ୍ତ ହେଲେ ଓ କହିଲେ; ଯଦି ସେମାନେ ନିଆଁକୁ ଡ଼େଇଁ ପଡିଥାନ୍ତେ ତେବେ କୟାମତ୍ ଦିନ ପର୍ଯ୍ୟନ୍ତ ସେଥିରୁ ମୁକୁଳି ପାରି ନଥା'ନ୍ତେ । କାରଣ ଆଜ୍ଞା ପାଳନ ତ ଉତ୍ତମ କଥାର କରାଯାଏ । ହଜରତ ମୁସଲେହ୍ ମଉଦ[ର.ଅ] ମଧ୍ୟ ଏହି ଘଟଣାର ଚର୍ଚ୍ଚା କରିଛନ୍ତି, **ଯେ ଯେଉଁ ପ୍ରସଙ୍ଗ ଶରିୟତ୍ (ଧର୍ମବିଧାନ)ର ବିପରୀତ ହୋଇଥିବ, ତାହାର ଅନୁପାଳନ କରିବାରୁ ବିରତ ରହିବା ଉଚିତ୍ ।**

ତା'ପରେ ସରିୟା ହଜରତ ଅଲୀ[ର.ଅ]ଙ୍କର ବର୍ଣ୍ଣନା ରହିଛି । ଯାହାକି ରବିଉସ୍ ସାନି ମାସ ୯ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ହଜରତ ଅଲୀ[ର.ଅ]ଙ୍କୁ ୧୫୦ଜଣ ଅନ୍‌ସାରଙ୍କ ସହିତ ବନୁ ତୈ'ର ପ୍ରତିମା ଫୁଲସ୍‌କୁ ଧୂଳିଶାତ କରିବା ସକାଶେ ପ୍ରେରଣ କରିଥିଲେ । ସେ ପ୍ରଭାତରେ ସେହି ବସ୍ତି ଉପରେ ଆକ୍ରମଣ କରିଦେଲେ ଓ ଫୁଲସ୍ ପ୍ରତିମାକୁ ଧୂଳିଶାତ କରିଦେଲେ । ସେହି ଯୁଦ୍ଧରୁ ହଜରତ ଅଲୀ[ର.ଅ] ଅନେକ ଧନସମ୍ପତ୍ତି ଓ ଗାଈଗୋରୁ ନିଜ ଅଧିକାର ଭୁକ୍ତ କରିଥିଲେ । ସେହି କବିଲା ପ୍ରଖ୍ୟାତ ଦାନି ହାତିମ୍ ତାଈର ଥିଲା ଓ କଏଦୀମାନଙ୍କ ମଧ୍ୟରେ ହାତିମ୍ ତାଈର କନ୍ୟା ସଫାନା ମଧ୍ୟ ସାମିଲ ଥିଲା, କିନ୍ତୁ ତାହାର ପୁତ୍ର ଅଦୀ ଯେ କି କବିଲାର ସରଦାର୍ ଥିଲା ପଳାୟନ କଲା ଓ ସିରିୟା ଦେଶରେ ଶରଣ ନେଲା । ସଫାନା ମହାଭାଗଙ୍କ ନିକଟରେ ବାରମ୍ବାର ନିବେଦନ କରିବାରୁ ହୁଜୁର[ସ.ଅ] ତାହାକୁ ସ୍ୱାଧୀନ କରି ଦେଇଥିଲେ । ସେ ସ୍ୱାଧୀନ ହେବା ପରେ ସଙ୍ଗେସଙ୍ଗେ ମୁସଲମାନ ହୋଇଯାଇଥିଲେ । ତା'ପରେ ସେ ନିଜ ଭାଇ ଅଦୀ ନିକଟକୁ ଯାଇ ସିରିୟାରେ ପହଞ୍ଚିଲେ । ଆଉ ସେ ନିଜ ଭାଇକୁ ମହାଭାଗଙ୍କ ସେବାରେ ଉପସ୍ଥିତ ହେବା ପାଇଁ ରାଜି କରିଦେଲେ । ହୁଜୁର[ସ.ଅ] ଅଦୀର ଧର୍ମ ଓ ତାଙ୍କ ବ୍ୟକ୍ତିଗତ ମାମଲା ପ୍ରସଙ୍ଗରେ କିଛି ବର୍ଣ୍ଣନା କଲେ । ଯହିଁରେ କିଛି କଥା ଏପରି ଥିଲା, ଯାହାକି କେବଳ ଅଦୀଙ୍କ ବ୍ୟତୀତ ଅନ୍ୟ କାହାରିକୁ ଜଣା ନଥିଲା । ଅଦୀ କୁହନ୍ତି, ହୁଜୁର[ସ.ଅ]ଙ୍କ ଉତ୍ତମ ବ୍ୟବହାର ଓ ଅନ୍ୟାନ୍ୟ ବିଷୟ ଦେଖି, ମୁଁ ମୁସଲମାନ ହୋଇଗଲି । ହଜରତ ଅଲୀ[ର.ଅ]ଙ୍କର ଏହି ଅଭିଯାନର କିଛି ଅବଧି ପରେ ତୈ କବିଲାର ଏକ ଦଳ ମହାଭାଗଙ୍କ ସେବାରେ ଉପସ୍ଥିତ ହେଲା ଓ ସେମାନେ ମଧ୍ୟ ଇସଲାମ ଧର୍ମ ଗ୍ରହଣ କରିନେଲେ । ପୁଣି ସରିୟା ଉକାଶା ବିନ୍ ମିହ୍‌ସନ୍[ର.ଅ]ଙ୍କୁ ଜିନାବ୍ ଅଭିମୁଖେ ପ୍ରେରଣ କରିବାର ବର୍ଣ୍ଣନା ମିଳୁଛି । ଏହା ମଧ୍ୟ ରବିଉସ୍ ସାନି ମାସ ୯ ହିଜ୍‌ରୀରେ ସଙ୍ଘଟିତ ହୋଇଥିଲା । ଏହି ସରିୟାର ଅଧିକ ବ୍ୟାଖ୍ୟା କରାଯାଇ ନାହିଁ, କେବଳ ଏତିକି ଉଲ୍ଲେଖ ରହିଛି ଯେ ଏହି ସରିୟା ସଙ୍ଘଟିତ ହୋଇଥିଲା ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ତବୁକ୍ ଯୁଦ୍ଧ ସଂକ୍ରାନ୍ତରେ କେତେକ ପ୍ରାରମ୍ଭିକ ବର୍ଣ୍ଣନା ଆଲୋଚନା କଲେ । ଯାହାକି ରଜବ୍ ମାସ ୯ ହିଜ୍‌ରୀ ଅର୍ଥାତ୍ ୬୩୦ମସିହାରେ ସଙ୍ଘଟିତ ହୋଇଥିଲା । ଏହା ପୁଣ୍ୟଶ୍ଳୋକଙ୍କ ପବିତ୍ର ଜୀବନ କାଳ ମଧ୍ୟରେ ଘଟିଥିବା ଯୁଦ୍ଧଗୁଡ଼ିକ ମଧ୍ୟରେ ଶେଷ ଯୁଦ୍ଧ ଥିଲା । ତବୁକ୍ ନାମକ ଏକ ନିର୍ଝର ନିକଟରେ (ମୁସଲମାନ ସେନା) ଅବସ୍ଥାନ କରିଥିବା ଯୋଗୁଁ ଏହି ଯୁଦ୍ଧର ଏପରି ନାମକରଣ ହୋଇଛି । ପବିତ୍ର କୁରଆନରେ ଏହି ଯୁଦ୍ଧର ଚର୍ଚ୍ଚା ସାତୁଲ୍ ଉସ୍‌ରା ଅର୍ଥାତ୍ କଷ୍ଟଦାୟକ ସମୟ ନାମରେ କରାଯାଇଛି । କାରଣ ଏହି ଅଭିଯାନରେ ମୁସଲମାନମାନଙ୍କୁ ବହୁତ କଷ୍ଟ

ଓ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା । ତବୁକ୍ ଯୁଦ୍ଧର ମୂଳ କାରଣ ଏହା ପ୍ରତୀତ ହେଉଛି ଯେ ମକ୍କା ବିଜୟ, ବନୁ ହୱାଜିନ ପରି ଶକ୍ତିଶାଳୀ କବିଲାର ଦୃଷ୍ଟାନ୍ତ ମୂଳକ ପରାଜୟ ତଥା ଆରବର ଆଖପାଖରେ ବସବାସ କରୁଥିବା ସମସ୍ତ ଗୋଷ୍ଠୀ ସମୂହ ଉପରେ ମୁସଲମାନମାନଙ୍କ ଆଧିପତ୍ୟ ବିସ୍ତାର ହେବା ଏବଂ ଖ୍ରୀଷ୍ଟଧର୍ମୀ, ୟହୁଦି ଓ କପଟବିଶ୍ୱାସୀମାନେ ନିଜର ସମସ୍ତ ଷଡଯନ୍ତ୍ର ପଣ୍ଡ ହେବାର ଦେଖି ସେତେବେଳର ମହାଶକ୍ତିଶାଳୀ ଓ ପରାକ୍ରମୀ ଶାସକ ଅର୍ଥାତ୍ କୈସରେ ରୋମ୍‌କୁ ମୁସଲମାନମାନଙ୍କ ମୁକାବିଲା କରିବା ସକାଶେ ରାଜି କରାଇଲେ, ଯେ ସେ ନିଜର ସେନା ପ୍ରେରଣ କରନ୍ତୁ । ଅପର ପାର୍ଶ୍ୱରେ ମଦିନାର କପଟବିଶ୍ୱାସୀମାନେ ଏହି ଗୁଜବ ପ୍ରଘଟ କରିବା ଆରମ୍ଭ କରିଦେଲେ ଯେ କୈସରେ ରୋମ୍ ନିଜର ସେନା ବାହିନୀ ପ୍ରେରଣ କରୁଅଛି, ଯେ କି ହୁଜୁର[ସ.ଅ]ଙ୍କ ସମେତ ସମସ୍ତ ମୁସଲମାନମାନଙ୍କର ମୂଳୋତ୍ପାଟନ କରିଦେବ । ଏହିପରି କପଟବିଶ୍ୱାସୀ ଓ ଅନ୍ୟ ବିରୋଧୀମାନେ ମନେ କରୁଥିଲେ ଯେ ଏହି ଅଭିଯାନରେ ହୁଜୁର[ସ.ଅ] ସ୍ୱୟଂ ଶତ୍ରୁର ମୁକାବିଲା କରିବା ସକାଶେ ସିରିୟା ଅଭିମୁଖେ ବାହାରି ଯିବେ । ଆଉ ଉଭୟ କ୍ଷେତ୍ରରେ ଅର୍ଥାତ୍ ଯାତ୍ରା କରିବାର କଠିନତା ଓ କୈସରେ ରୋମ୍ ପରି ମହାଶକ୍ତିଶାଳୀ ସାମ୍ରାଜ୍ୟର ମୁକାବିଲା କରିବା ମୁସଲମାନ ଓ ହୁଜୁର[ସ.ଅ]ଙ୍କୁ ନଉଜୁବିଲ୍ଲାଃ ସୁନିଶ୍ଚିତ ରୂପେ ନିପାତ କରିଦେବ । ମହାମାନ୍ୟ ହୁଜୁର ଅନୱର[ଅ.ବ] କହିଲେ; ଏହାର ଅତିରିକ୍ତ ବର୍ଣ୍ଣନା ଇନ୍ନଶାଅଲ୍ଲାଃ ଆସନ୍ତାରେ କରିବି ।

ପରିଶେଷରେ ମହାମହିମ ହୁଜୁର ଅନୱର[ଅ.ବ] କହିଲେ; ଆଜି ମସଜିଦ୍ ମେହଦୀ, ଯାହାକି ଗୋଲବଜାର ରବୱାରେ ଅବସ୍ଥିତ । ସେଠାରେ ଆତଙ୍କବାଦୀମାନେ ଆକ୍ରମଣ କରିଦେଲେ, ଯାହା ଫଳରେ ଆମର ପାଞ୍ଚ ଜଣ ଲୋକ କ୍ଷତାକ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଦୁଇଜଣ ଭୀଷଣ ରୂପେ ଆଘାତ ହୋଇଛନ୍ତି, ତାଙ୍କର ପେଟରେ ଗୁଳି ବାଜି ଥିଲା । ତାଙ୍କର ଅପରେଶନ୍ ହୋଇଯାଇଛି । ଅଲ୍ଲାଃତାଲା ତାଙ୍କ ଅବସ୍ଥାରେ ସୁଧାର ଆଣି ଦିଅନ୍ତୁ ଓ ବାକି କ୍ଷତାକ୍ତମାନଙ୍କୁ ମଧ୍ୟ ସୁସ୍ଥ କରିଦିଅନ୍ତୁ । ଆମ ସିକ୍ୟୁରିଟିବାଲା ଜଣେ ଆତକଙ୍କବାଦୀକୁ ନିହତ କରି ଦେଲେ, ଅନ୍ୟ ଜଣେ ପଳାୟନ କରିବାରେ ସଫଳ ହେଲା । ଅଲ୍ଲାଃତାଲା ସେହି ଉଗ୍ରବାଦୀ ଦଳ ଓ ଆଇନ୍ ଉଲଙ୍ଘନକାରୀ ତଥା ଜମାଅତର ବିରୋଧୀମାନଙ୍କୁ ଶୀଘ୍ର କବଳିତ କରନ୍ତୁ । ପାକିସ୍ତାନ ସ୍ଥିତ ପଞ୍ଜାବର ପ୍ରଧାନମନ୍ତ୍ରୀ ଓ ପ୍ରଶାସନ ଏହି ଦାବି କରୁଛନ୍ତି ଯେ ସେଠାରେ ଶତ ପ୍ରତିଶତ ଅପରାଧ ସମୂଳେ ଶେଷ ହୋଇଯାଇଛି ଓ ପରିସ୍ଥିତି ଆମ ନିୟନ୍ତ୍ରଣରେ ରହିଛି । ଆଉ ଏଠାରେ କୌଣସି ଅପରାଧୀ ବାକି ନାହାନ୍ତି । କିନ୍ତୁ ଅହମଦିମାନଙ୍କ ଉପରେ ଦିନ ପ୍ରତିଦିନ ଯେପରି ଆକ୍ରମଣ କରାଯାଉଛି ଓ ତାଙ୍କୁ ଶହିଦ୍ ଅବା କ୍ଷତାକ୍ତ କରାଯାଉଛି ତଥା ସେମାନଙ୍କ ଧନସମ୍ପତ୍ତିକୁ ନିଆଁ ଲଗାଇ ଜାଳି ଦିଆଯାଉଛି । ସମ୍ଭବତଃ ଏସବୁକୁ ସେମାନେ ଅପରାଧ ଓ ଅତ୍ୟାଚାର ମଣୁ ନାହାନ୍ତି । **ଅଲ୍ଲାଃତାଲା ସେହି ପ୍ରଶାସନକୁ ବୁଦ୍ଧିଜ୍ଞାନ ପ୍ରଦାନ କରନ୍ତୁ ଓ ଖୁବ୍ ଶୀଘ୍ର ଅଲ୍ଲାଃତାଲା ଜମାଅତ ସପକ୍ଷରେ ନିଦର୍ଶନ ପ୍ରକଟ କରନ୍ତୁ** । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲୟିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

10th October 2025

*Translated to Odia by :* Moulavi Anwar Ahmad Khan